FOR -01

# Bachelor's Degree Programme
# (BDP)

## Foundation Course in Odia (FOR-01)

## Assignment
(For July-2022 and January-2023 sessions)

**Last Date for Submission:**
For July-2022 session: 31st March, 2023
For January-2023 session: 30th September, 2023

**School of Humanities**
**Indira Gandhi National Open University**
**Maidan Garhi, New Delhi-110068**

# Foundation Course in Oriya (FOR-01)

Course Code: FOR-01
Max Marks: 100

1. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକରୁ ଯେକୌଣସି ତିନୋଟିର ଉତ୍ତର ଲେଖନ୍ତୁ । ୩ x ୧୦ = ୩୦

(ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଅନ୍ୟୁନ ୫୦୦ ଶବ୍ଦରେ ହେବ ।)

(କ) ଓଡ଼ିଆ ଭାଷାରେ ଧ୍ୱନି ପରିବର୍ତ୍ତନର ସମୀଭବନ, ବିଷମୀଭବନ, ଘୋଷୀଭବନ ଓ ଅଘୋଷୀଭବନ ଦିଗକୁ ସଦୃଷ୍ଟାନ୍ତ ଉପସ୍ଥାପନ କରନ୍ତୁ ।

(ଖ) 'ଦରବାର'ର ପଠିତାଂଶରୁ କବିଙ୍କ ବ୍ୟଙ୍ଗ ଓ ବିଦ୍ରୁପର ସ୍ୱରକୁ ଉପସ୍ଥାପନ କରନ୍ତୁ ।

(ଗ) ଓଡ଼ିଆ ଅସ୍ତିବାଚକ ବାକ୍ୟକୁ ନାସ୍ତିବାଚକ ବାକ୍ୟରେ ପରିବର୍ତ୍ତନ କରିବାର କୌଶଳ ସଂପର୍କରେ ଲେଖନ୍ତୁ ।

(ଘ) ଅଷ୍ଟ୍ରିକ୍ ସଂସ୍କୃତି ସହିତ ଶ୍ରୀଜଗନ୍ନାଥ ଧର୍ମର ଯେଉଁ ସଂପର୍କ ରହିଛି, ତାହାକୁ ନିର୍ଦ୍ଧାରଣ କରନ୍ତୁ ।

(ଙ) ଓଡ଼ିଆ ଗାଥାଗୀତିକା ଓ କାନ୍ଦଣାଗୀତର ସ୍ୱରୂପ ନିର୍ଣ୍ଣୟ କରନ୍ତୁ ।

(ଚ) ମହାତ୍ମାଗାନ୍ଧୀଙ୍କ ପ୍ରେତମୂର୍ତ୍ତି ଉପସ୍ଥିତ ହେବାର କାରଣ ଓ ସେ ଦେଇଥିବା ପରାମର୍ଶକୁ ଲେଖନ୍ତୁ ।

2. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକରୁ ଯେକୌଣସି ପାଞ୍ଚୋଟି ପ୍ରଶ୍ନର ଉତ୍ତର ଦିଅନ୍ତୁ । ୫ x ୫ = ୨୫

(ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଅନ୍ୟୁନ ୨୫୦ ଶବ୍ଦରେ ହେବ ।)

(କ) ସାଂପ୍ରତିକ ଓଡ଼ିଆ ଭାଷାରେ ଇଂରାଜୀ ଶବ୍ଦର ବ୍ୟାପକ ପ୍ରଚଳନକୁ ଉଦାହରଣ ଦେଇ ବୁଝାନ୍ତୁ ।

(ଖ) ଓଡ଼ିଶାରେ ଆଦିବାସୀ ଲୋକକଳାର ବିଶେଷତ୍ୱକୁ ନିରୂପଣ କରନ୍ତୁ ।

(ଗ) ଓଡ଼ିଆ ବିଭକ୍ତି ପ୍ରତ୍ୟୟର ସୂଚନା ପ୍ରଦାନ କରନ୍ତୁ ।

(ଘ) 'ଲମ୍ବିସ' ନାମକ ଶଙ୍ଖ ସାହାଯ୍ୟରେ ଅକ୍ଟୋପସ୍ ଧରାଯିବା ପ୍ରଣାଳୀକୁ ଲେଖନ୍ତୁ ।

(ଙ) ବାରବାଟୀ ଦୁର୍ଗ ସହିତ ଜଡ଼ିତ ଉତ୍କଳର ଗୌରବଜ୍ଜ୍ୱଳ ଇତିହାସକୁ ସଂକ୍ଷେପରେ ଲେଖନ୍ତୁ ।

(ଚ) 'ବିଶ୍ୱପ୍ରୀତି ହିଁ ଓଡ଼ିଆର ଜାତୀୟତା' – ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କରନ୍ତୁ ।

(ଛ) ଇନ୍ଦ୍ରଦ୍ୟୁମନ କାହିଁକି ଦେଉଳ ତୋଳାଇବାର ସଂକଳ୍ପ ନେଲେ, ତାହାକୁ ଉପସ୍ଥାପନ କରନ୍ତୁ ।

(ଜ) ପାଲା ଓ ଯାତ୍ରା ମଧ୍ୟରେ ରହିଥିବା ପାର୍ଥକ୍ୟକୁ ନିରୂପଣ କରନ୍ତୁ ।

3. ଯେକୌଣସି ପାଞ୍ଚୋଟି ପ୍ରଶ୍ନର ଉତ୍ତର ଦିଅନ୍ତୁ । ୪ x ୫ = ୨୦

(ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଅନ୍ୟୁନ ୫୦ ଶବ୍ଦରେ ହେବ ।)

(କ) ରୂଢ଼ି ଓ ପ୍ରବଚନ ବ୍ୟବହାରର ଦୁଇଟି ପ୍ରମୁଖ ଉଦ୍ଦେଶ୍ୟ କ'ଣ ହୋଇପାରେ ?

(ଖ) ପଞ୍ଚଦଶ ଶତାବ୍ଦୀରେ ଓଡ଼ିଆ ଭାଷାର ସ୍ୱରୂପ କିପରି ଥିଲା ?

(ଗ) 'ଜ୍ଞାନସିଦ୍ଧି' ଗ୍ରନ୍ଥରେ 'ଜଗନ୍ନାଥ'ଙ୍କୁ କିପରି ବର୍ଣ୍ଣନା କରାଯାଇଛି ?

(ଘ) ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର କିପରି ପ୍ରଭାବ ପଡ଼ିଥିଲା ?

(ଙ) ଓଡ଼ିଶାର କେଉଁସବୁ ସ୍ଥାନରେ ପ୍ରାଗ୍-ଐତିହାସିକ ଯୁଗର ଚିତ୍ରାବଳୀ ଦେଖିବାକୁ ମିଳେ ?

(ଚ) ଓଡ଼ିଆ ନାଁ ଦିଆ ଗୀତଗୁଡ଼ିକର ମହତ୍ତ୍ୱକୁ କିପରି ପ୍ରତିପାଦନ କକରାଯାଇପାରିବ ?

(ଛ) ସଂସ୍କୃତ ଭାଷାକୁ କିପରି ଲୋକପ୍ରିୟ କରାଯାଇପାରିବ ?
(ଜ) ଲେଖକଙ୍କୁ ନିଜ ଘରକୁ ନେବାପାଇଁ ଲିଙ୍ଗା କାହିଁକି ନାରାଜ ହେଉଥିଲା?

4. ଯେକୌଣସି ୪ଟିର ସନ୍ଧିବିଚ୍ଛେଦ କରନ୍ତୁ । ୪ x ୧ = ୪

ତତୋଽଧିକ, ସମ୍ମିଳନୀ, ହିମାଳୟ, ତନ୍ମୟ, ଜ୍ଞାନେନ୍ଦ୍ରିୟ, ଚଳଚ୍ଚିତ୍ର, ପ୍ରତ୍ୟର୍ପଣ, ଅଧୋଗତି

5. ଯେକୌଣସି ୪ଟିର ବ୍ୟାସବାକ୍ୟ ସହ ସମାସ ନିର୍ଣ୍ଣୟ କରନ୍ତୁ । ୪ x ୧ = ୪

ମହୋଦଧି, ଅଭ୍ରାନ୍ତ, ମୁକ୍ତିଶିଖା, ଅନଶନ, ଚୌପଦୀ, ସାଧବପୁଅ, କାନମୋଡ଼ା, ଲୋକଗୀତ

6. ଯେକୌଣସି ୪ଟିକୁ ନେଇ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଓ ସାର୍ଥକ ବାକ୍ୟ ଗଠନ କରନ୍ତୁ । ୪ x ୧ = ୪

ପୀୟୂଷ, ମହାଭାରତ, ଅର୍ଥନୈତିକ, ଦୁର୍ବିପାକ, ଜରୁରିକାଳୀନ, ଲିପିବଦ୍ଧ

7. ଯେକୌଣସି ୪ଟିର ବିପରୀତାର୍ଥବୋଧକ ଶବ୍ଦ ନିର୍ଣ୍ଣୟ କରନ୍ତୁ । ୪ x ୧ = ୪

ନିରକ୍ଷର, ଆରୋହୀ, ବିଶୃଙ୍ଖଳା, ଅଧିକାର, ଆହାର, ପ୍ରତିବାଦ, ପୂର୍ବେଇଁ, ଉଚ୍ଚ

8. ଯେକୌଣସି ୪ ଟିର ଦୁଇଟି ଲେଖାଏ ପ୍ରତିଶବ୍ଦ ପ୍ରଦାନ କରନ୍ତୁ । ୪ x ୧ = ୪

ଆଖି, ମରୁତ, ପୃଥିବୀ, ସୂର୍ଯ୍ୟ, ରାତି, ନଳିନୀ, ଡର, ଲୁଗା, ଛୋଟ

9. ଯେକୌଣସି ୫ଟି ଶବ୍ଦରେ ଥିବା ଉପସର୍ଗଗୁଡ଼ିକୁ ନିର୍ଣ୍ଣୟ କରନ୍ତୁ । ୫ x ୧ = ୫

ସମ୍ବାଦ, ଆଶ୍ରୟ, ଉପକୂଳ, ପ୍ରବାଳ, ସମ୍ଭାଷଣ, ବିଜ୍ଞାନ, ପ୍ରତିଘାତ, ଅଭିନୟ, ପ୍ରଚଳନ

----x----